# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**20 September - 2024**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ପିଏମ୍-ବିଶ୍ୱକର୍ମା ଯୋଜନା ମାଧ୍ୟମରେ କାରୀଗରମାନେ ସଫଳ ଉଦ୍ୟୋଗୀ ହୋଇପାରିବେ; କହିଲେ ପ୍ରଧାନମନ୍ତ୍ରୀ
- କେନ୍ଦୁଝର ଜିଲ୍ଲାରେ ଆଗାମୀ ୫ ବର୍ଷ ମଧ୍ୟରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ; କହିଲେ ମୁଖ୍ୟମନ୍ତ୍ରୀ
- ଏଏସ୍ଆଇ ପକ୍ଷରୁ ଆସନ୍ତାକାଲିଠାରୁ ଆରମ୍ଭ ହେବ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ବେକ୍ଷଣ; ଅପରାହ୍ଣ ୨ଟାରୁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ଏବଂ

- ବଙ୍ଗୋପସାଗରରେ ଆସନ୍ତା ସୋମବାର ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା; ରାଜ୍ୟର ୮ଟି ଜିଲ୍ଲାରେ ଘଡଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା

# ପିଏମ୍ ବିଶ୍ୱକର୍ମା ଯୋଜନା

ପିଏମ୍ ବିଶ୍ୱକର୍ମା ଯୋଜନା ମାଧ୍ୟମରେ କାରୀଗରମାନେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପିଏମ୍ ବିଶ୍ୱକର୍ମା ଯୋଜନାର ୧ ବର୍ଷ ପୂର୍ତ୍ତି ଅବସରରେ ଆଜି ମହାରାଷ୍ଟ୍ରର ୱାର୍ଦ୍ଧାଠାରେ ଆଭାସୀ ମାଧ୍ୟମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଯୋଜନାର ଲାଭାର୍ଥୀମାନଙ୍କ ପାଇଁ ସରକାର ନେଇଥିବା ପଦକ୍ଷେପ ସେମାନଙ୍କର କାର୍ଯ୍ୟ କୁଶଳତାକୁ ସଂରକ୍ଷିତ ରଖିବା ସହିତ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବିଶେଷ ସହାୟକ ହୋଇପାରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ୧ ଲକ୍ଷ ହିତାଧିକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବା ସହିତ ୧ ଲକ୍ଷ ପିଏମ୍ ବିଶ୍ୱକର୍ମାଙ୍କୁ ଦକ୍ଷତା ପ୍ରମାଣପତ୍ର ଏବଂ ୭୫ ହଜାର ହିତାଧିକାରୀଙ୍କୁ ଋଣ ପାଇଁ ମଞ୍ଜୁରୀ ଦେଇଛନ୍ତି। ବିଶ୍ୱକର୍ମା ଯୋଜନାରେ ୧୮ଟି ବର୍ଗରେ ଲାଭାର୍ଥୀମାନଙ୍କୁ ଦକ୍ଷତା ବୃଦ୍ଧି କରିବା ଲାଗି ୧୫ ହଜାର ଟଙ୍କା ଲେଖାଏଁ ସରକାର ଦେଇଥାନ୍ତି। ଅଣପଞ୍ଜୀକୃତ କ୍ଷେତ୍ରରେ କୁଶଳୀ କାରିଗରମାନଙ୍କର ଦକ୍ଷତା ବୃଦ୍ଧି ସହିତ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି।

କେନ୍ଦ୍ର ସରକାରଙ୍କ ସମ୍ପୂର୍ଣ୍ଣ ଅନୁଦାନରେ ୨୦୨୩ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୨୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିପାଇଁ ସରକାର ୧୩ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

## ବିଶ୍ୱକର୍ମା–୨

ଏହି ଅବସରରେ ପ୍ରଧାନମନ୍ତ୍ରୀ ୱାର୍ଦ୍ଧାଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି କିଣିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ

ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଏହା ପ୍ରଧାନମନ୍ତ୍ରୀଙ୍କ ମହାପ୍ରଭୁଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ଓ ସମର୍ପଣକୁ ଦର୍ଶାଉଛି ତଥା ଓଡ଼ିଶା ପ୍ରତି ତାଙ୍କର ସ୍ନେହ ଓ ସମ୍ମାନର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ମୁଖ୍ୟମନ୍ତ୍ରୀ– ୧୦୦ ଦିନ ସଫଳତା

କେନ୍ଦୁଝର ଜିଲ୍ଲାରେ ଆଗାମୀ ୫ ବର୍ଷ ମଧ୍ୟରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟରେ ନୂତନ ସରକାରର ୧୦୦ ଦିନ ପୂର୍ତ୍ତି ଅବସରରେ ତିନିଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲ୍ଲାରେ ଷ୍ଟିଲ୍‌ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉଛି। ଏହାସହ ରେଳପଥର ବିକାଶ ପାଇଁ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ସେହିଭଳି ସଡକପଥର ବିକାଶ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ବଡବିଲ୍‌ରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ୮ ଥାକିଆ ରାସ୍ତା ନିର୍ମାଣ କରାଯିବ। ଆଗକୁ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ହେବ। ଏହାଦ୍ୱାରା ଜିଲ୍ଲାରେ ବିକାଶକାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଅପରାହ୍ଣରେ ଝୁମ୍ପୁରା ବ୍ଲକ୍‌ର କରଞ୍ଜିଆପଡାଠାରେ ଆୟୋଜିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଯୋଗଦାନ କରିଥିଲେ।

## ୧୦୦ ଦିନ ପୂର୍ତ୍ତି–ଜେ.ପି.ନଡ୍ଡା ଆଲୋଚନା

କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ତୃତୀୟ ପାଳିର ୧୦୦ ଦିନ ପୂରଣ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍‌ପ୍ରକାଶ ନଡ୍ଡା ସ୍ୱାସ୍ଥ୍ୟକ୍ଷେତ୍ରରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ମନ୍ତ୍ରଣାଳୟ ପକ୍ଷରୁ

ବିଭିନ୍ନ ପଦକ୍ଷେପ ନିଆଯାଇଛି। ଆୟୁଷ୍ମାନ ଭାରତ ପିଏମ୍-ଜେଏୱାଇ ଯୋଜନା ମାଧ୍ୟମରେ ୭୦ ବର୍ଷ ଏବଂ ତାଠାରୁ ଊର୍ଦ୍ଧ୍ୱ ବୟସ୍କ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି।  ସେ କହିଛନ୍ତି, ମହିଳା ଓ ଶିଶୁଙ୍କ ଟିକାକରଣ ପାଇଁ 'YOU WIN' ପୋର୍ଟାଲ ବିକଶିତ ହୋଇଛି। ସେହିଭଳି ଦେଶରୁ ଯକ୍ଷ୍ମାର ମୂଳୋତ୍ପାଟନ ପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି। ଚିକିତ୍ସା ସମ୍ବନ୍ଧିତ ସାମଗ୍ରୀଗୁଡ଼ିକୁ ଶୀଘ୍ର ପହଞ୍ଚାଇବା ପାଇଁ ଡ୍ରୋନ୍‌ର ବ୍ୟବହାର କରାଯାଉଛି। ଦେଶରେ ମେଡିକାଲ କଲେଜ୍‌ଗୁଡ଼ିକରେ ସିଟ୍ ସଂଖ୍ୟା ବୃଦ୍ଧି କରାଯାଇଛି। ୨୦୨୪-୨୫ ଆର୍ଥିକବର୍ଷରେ ମେଡିକାଲ୍ କଲେଜ୍‌ରେ ସିଟ୍ ସଂଖ୍ୟା ୭୬୬କୁ ବୃଦ୍ଧି କରାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

## ସୁଭଦ୍ରା ବୋନସ୍

ମହିଳାମାନେ ସୁଭଦ୍ରା ଅର୍ଥରାଶିକୁ ଡିଜିଟାଲ ମାଧ୍ୟମରେ ବ୍ୟୟ କଲେ ସେମାନଙ୍କୁ ୫୦୦ ଟଙ୍କାର ଅତିରିକ୍ତ ବୋନସ୍ ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସେ କହିଛନ୍ତି, ସୁଭଦ୍ରା ଯୋଜନାରେ ଆକାଉଣ୍ଟକୁ ଯାଉଥିବା ଅର୍ଥ ସମ୍ପୂର୍ଣ୍ଣ ଭାବରେ ହିତାଧିକାରୀଙ୍କର। ସରକାର ଏହା ଉପରେ ସୁଧ ନେବେ ନାହିଁ କିମ୍ବା ସେ ଏହି ଅର୍ଥରାଶିକୁ ଫେରସ୍ତ ନେବେନାହିଁ। ତେଣୁ ମହିଳାମାନେ କୌଣସି ଗୁଜବ ଉପରେ ବିଶ୍ୱାସ ନ କରିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ପ୍ରାୟ ୨୫ ଲକ୍ଷ ୧୧ ହଜାର ମହିଳା ହିତାଧିକାରୀଙ୍କୁ ଗତ ୧୭ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା।

## ଶ୍ରୀମନ୍ଦିର-ରତ୍ନଭଣ୍ଡାର ସର୍ଭେ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ ପକ୍ଷରୁ ଆସନ୍ତାକାଲିଠାରୁ ସୋମବାର ପର୍ଯ୍ୟନ୍ତ ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ବେକ୍ଷଣ କରାଯିବ। ଅପରାହ୍ନ ୨ଟାଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବେକ୍ଷଣ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ମଙ୍ଗଳବାର ସୁଦ୍ଧା ରତ୍ନଭଣ୍ଡାରର ବୈଷୟିକ ସର୍ବେକ୍ଷଣ କାର୍ଯ୍ୟ ଶେଷ କରିବାକୁ ଏ.ଏସ୍.ଆଇ ମହାନିର୍ଦ୍ଦେଶକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି ପତ୍ର ଲେଖି ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା-ଏସ୍ଓପି ଅନୁସାରେ ଏହି ସର୍ବେକ୍ଷଣ କରାଯିବ। ତେଣୁ ତିନିଦିନ ପାଇଁ ଶ୍ରୀଜୀଉଙ୍କ ନୀତିକାନ୍ତି ଏବଂ ସେବା ପୂଜାରେ ବ୍ୟାଘାତ ନ କରି ନିରୀକ୍ଷଣ ପ୍ରକ୍ରିୟା କରିବା ପାଇଁ ଆବଶ୍ୟକ ସମୟ ଦେବା ଲାଗି ବିଶେଷ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ବିଶେଷ ନୀତିନିର୍ଘଣ୍ଟ ଅନୁସାରେ, ଦିନ ଗୋଟାଏରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଅପରପକ୍ଷରେ, ଶ୍ରୀମନ୍ଦିରରେ ଆସନ୍ତା ମଙ୍ଗଳବାରଠାରୁ ଦଶହରା ପାଇଁ ଷୋଡଶ ଉପଚାର ପୂଜା ଆରମ୍ଭ ହେବ।

## ଷୋଳପୂଜା

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତା ୨୪ ତାରିଖ ମଙ୍ଗଳବାରଠାରୁ ଷୋଳପୂଜା ଆରମ୍ଭ ହେବ। ଏ ନେଇ ଆଜି ନୀତି ପ୍ରଶାସକ ବୈଠକରେ ଆଲୋଚନା ହୋଇଛି। ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଅଧିଷ୍ଠାତ୍ରୀ ଦେବୀ ମା’ ବିମଳାଙ୍କ ନିକଟରେ ଷୋଳପୂଜା ସମୟରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଏହାପୂର୍ବରୁ ଶ୍ରୀନଅରରେ ଗଜପତି ମହାରାଜଙ୍କ ପକ୍ଷରୁ ବ୍ରାହ୍ମଣ ବରଣ ନେଇ ଗୁଆ-ଶ୍ରୀଫଳ ପ୍ରଦାନ କରାଯିବ।

# ୧୦୦ ଦିନ ପୂର୍ତ୍ତି-ବିକାଶମେଳା

ରାଜ୍ୟରେ ନୂତନ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ ବିଭିନ୍ନ ସ୍ଥାନରେ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ବିଭିନ୍ନ ସ୍ଥାନରେ ବିକାଶମେଳା ଉଦ୍‌ଘାଟିତ ହୋଇଛି। **ରାୟଗଡ଼ା** ଜିଲ୍ଲାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିକାଶମେଳାର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ରେଳବାଇ ଖେଳପଡିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନ ସମାବେଶ, ଉନ୍ନୟନ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। **ଦେବଗଡ଼** ଜିଲ୍ଲା ପ୍ରଧାନପାଟ୍ ବଡ଼ବଗିଚାଠାରେ ଆୟୋଜିତ ବିକାଶମେଳା ପ୍ରଦର୍ଶନୀକୁ ଗ୍ରାମଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ ଉଦ୍‌ଘାଟନ କରିଛନ୍ତି। ଏଥିରେ ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ସାମିଲ ହୋଇଛନ୍ତି। **ବୌଦ୍ଧ** ଜିଲ୍ଲା କଚେରୀ ପଡିଆଠାରେ ଆୟୋଜିତ ବିକାଶମେଳାରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ବିକଶିତ ଓଡ଼ିଶାର ଅଭ୍ୟୁଦୟ ସୂଚନା ଶିକ୍ଷା ସଂଚାର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହି ମେଳାରେ ଓର୍‌ମାସ୍ ତଥା ବିଭିନ୍ନ ବିଭାଗ ପକ୍ଷରୁ ୨୮ଟି ଷ୍ଟଲ୍ ପଡିଛି।

**ଯାଜପୁର**ରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିକାଶମେଳାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ହସ୍ତଶିଳ୍ପ ମେଳା ଓ ସ୍ୱାସ୍ଥ୍ୟମେଳାର ମଧ୍ୟ ଶୁଭାରମ୍ଭ କରିଥିଲେ।

## ଶାରଳା ପୁରସ୍କାର

ବିଶିଷ୍ଟ ଲେଖିକା ସରୋଜିନୀ ସାହୁ ଚଳିତବର୍ଷ ଶାରଳା ପୁରସ୍କାର ପାଇବା ପାଇଁ ମନୋନିତ ହୋଇଛନ୍ତି। ତାଙ୍କର ଉପନ୍ୟାସ **ଅସ୍ଥିରପାଦ** ପାଇଁ ସେ ଏହି ପୁରସ୍କାର ପାଇବେ। ପୁରସ୍କାର ବାବଦ ତାଙ୍କୁ ନଗଦ ୫ ଲକ୍ଷ ଟଙ୍କା, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯିବ ବୋଲି ଜଣାପଡିଛି।

ସେହିପରି ଭାସ୍କର୍ଯ୍ୟଶିଳ୍ପୀ ସୁଦର୍ଶନ ସାହୁ ଏବଂ କଣ୍ଠଶିଳ୍ପୀ ତାନ୍‌ସେନ୍ ସିଂଙ୍କୁ ମଧ୍ୟ କଳାସମ୍ମାନରେ ସମ୍ମାନିତ କରାଯିବ। ପୁରସ୍କାର ବାବଦରେ ତାଙ୍କୁ ନଗଦ ୨ ଲକ୍ଷ ଟଙ୍କା ସହିତ ମାନପତ୍ର ଦିଆଯିବ।

## ସମାବର୍ତ୍ତନ ଉତ୍ସବ-ନିଖିଳ ଓଡ଼ିଶା ଟ୍ରଷ୍ଟ

ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ୨୪ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଆସନ୍ତାକାଲି ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ହେବ। ଏଥିରେ ବାଚସ୍ପତି ସୁରମା ପାଢ଼ୀ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ସଭାପତି ପ୍ରଦୋଷ ପଟ୍ଟନାୟକ କହିଛନ୍ତି।

# ସିଏମ୍ କିଷାନ ଯୋଜନା

ସିଏମ୍ କିଷାନ ଯୋଜନାରେ ନୂତନ ହିତାଧିକାରୀମାନେ ନଭେମ୍ବର ମାସ ୮ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିବେ । ଚାଷୀମାନେ **cmkissan.odisha.gov.in** ମାଧ୍ୟମରେ ପଞ୍ଜୀକରଣ କରିପାରିବେ । ଏହି ଯୋଜନାରେ ହିତାଧିକାରୀମାନେ ୨ଟି କିସ୍ତିରେ ୨ହଜର ଟଙ୍କା ଲେଖାଏଁ ବାର୍ଷିକ ମୋଟ୍ ୪ ହଜାର ଟଙ୍କାର ସହାୟତା ପାଇବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ।

## ପାଣିପାଗ

ଉତ୍ତରପଶ୍ଚିମ ଏବଂ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ସୋମବାର ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଲଘୁଚାପର ପ୍ରଭାବରେ ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡ଼ି ସହ ବର୍ଷା ହେବା ନେଇ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି।

ଅପରପକ୍ଷରେ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଦେଶର ଉତ୍ତର ପଶ୍ଚିମ ଭାଗରୁ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

*********************************